# India - Russia Consultations on UNSC Issues

February 17, 2021

---

# ଭାରତ-ଋଷ ମଧ୍ୟରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ପ୍ରସଙ୍ଗରେ ବିଚାର ବିମର୍ଷ

**ଫେବୃଆରୀ 17, 2021**

1. ଭାରତ ଏବଂ ଋଷ 16 ଫେବୃଆରୀ 2021 ରେ ମସ୍କୋରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ପ୍ରସଙ୍ଗରେ ଡିଜି ସ୍ତରୀୟ ଦ୍ୱିପାକ୍ଷିକ ବିଚାର ବିମର୍ଷ କରିଥିଲେ।

2. ଋଷର ପ୍ରତିନିଧୀ ଦଳର ନେତୃତ୍ୱ ରୁଷ ସଂଘର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଆନ୍ତର୍ଜାତୀୟ ସଂଗଠନ ବିଭାଗର ନିର୍ଦ୍ଦେଶକ ଶ୍ରୀ ପିଟର ଇଲିଚେଭ ନେଇଥିଲେ। ମସ୍କୋରେ ଥିବା ଭାରତୀୟ ଦୂତାବାସର ଅଧିକାରୀଙ୍କ ସମେତ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ମିଳିତ ଜାତିସଂଘ ରାଜନୈତିକ ଏବଂ ସମ୍ମିଳନୀ ବିଭାଗ) ଶ୍ରୀ ପ୍ରକାଶ ଗୁପ୍ତା ନେଇଥିଲେ।

3. ମିଳିତ ଜାତିସଂଘ ସୁରକ୍ଷା ପରିଷଦ କାର୍ଯ୍ୟସୂଚୀ ଉପରେ ବିଭିନ୍ନ ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରି ମିଳିତ ଜାତିସଂଘ ପ୍ରସଙ୍ଗରେ ଚାଲିଥିବା ଦ୍ୱିପାକ୍ଷିକ ଯୋଗାଯୋଗକୁ ଉଭୟ ପକ୍ଷ ପ୍ରଶଂସା କରିଥିଲେ। ମିଳିତ ଜାତିସଂଘ ସୁରକ୍ଷା ପରିଷଦ କାର୍ଯ୍ୟକାଳ ମଧ୍ୟରେ ଭାରତର ପ୍ରାଥମିକତା ବିଷୟରେ ଭାରତୀୟ ପ୍ରତିନିଧୀ ଦଳ ଋଷକୁ ସୂଚନା ଦେଇଥିଲେ। ସ୍ୱତନ୍ତ୍ର ଏବଂ ବିଶେଷ ରଣନୀତିକ ଭାଗିଦାରୀକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘ ସୁରକ୍ଷା ପରିଷଦ କାର୍ଯ୍ୟସୂଚୀର ପ୍ରମୁଖ ପ୍ରସଙ୍ଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**
**ଫେବୃଆରୀ 17, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.